# ଆଧ୍ୟାତ୍ମିକ ଅଂଶ ଡ଼ିଏଏମ, ଏସିସିଆରଏ ନଭେମ୍ବର ୨୦୨୪

ପ୍ରିୟ ଜିଲ୍ଲା ପ୍ରେରିତ ଓ ଜିଲ୍ଲା ପ୍ରେରିତଙ୍କ ସହାୟକଗଣ,

ବର୍ତ୍ତମାନ ଅନେକ ସପ୍ତାହ ଧରି ''ଲିଟର୍ଜି ଅଫ ଦ ନିଉ ଏପଷ୍ଟୋଲିକ ଚର୍ଚ୍ଚ'' ଓ ''ଗାଇଡ ଫର ମିନିଷ୍ଟରସ'' ଚର୍ଚ୍ଚ ୱେବସାଇଟ ''ଏନଏକେ.ଓଆରଜିରେ'' ଅନଲାଇନ ଉପଲବ୍ଧ ହେଉଅଛି । ଆମେ ଏହି ପଦକ୍ଷେପ ନେଇଛୁ କାରଣ ଆମେ ନିଶ୍ଚିତ ଯେ ଏହା ଚର୍ଚ୍ଚର ଏକତାକୁ ଦୃଢ଼ କରିବାରେ ସାହାଯ୍ୟ କରିବ । ଏହା ମଧ୍ୟ ଜନସାଧାରଣଙ୍କୁ ସୂଚାଇବାକୁ ଲକ୍ଷ୍ୟ ରଖେ ଯେ ଆମ ଚର୍ଚ୍ଚର ଏକ ସୁ-ପରିଭାଷିତ ଲିଟର୍ଜି ସହିତ ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ନିୟମ ରହିଛି । ଏତଦ୍ୱାରା ଚର୍ଚ୍ଚର ଏକ ସକାରାତ୍ମକ ପ୍ରତିଛବି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖେ । ଆମର ସଦସ୍ୟମାନଙ୍କର ପ୍ରାରମ୍ଭିକ ପ୍ରତିକ୍ରିୟା ଅତ୍ୟନ୍ତ ସକାରାତ୍ମକ ରହିଛି । ବିଶେଷତଃ ଏହା ଆଫ୍ରିକାରେ ବାସ୍ତବ ଅଟେ, ଯେଉଁଠାରେ ଇଣ୍ଟରନେଟର ବ୍ୟାପକ ବ୍ୟବହାର ହେତୁ ଆମର ଅନେକ ସଦସ୍ୟ ବର୍ତ୍ତମାନ ସୂଚନା ଡ଼କୁମେଣ୍ଟ ଗୁଡିକୁ ସହଜରେ ପ୍ରାପ୍ତ ହେଉଛନ୍ତି ଯାହା ସେମାନେ ପୂର୍ବରୁ ପାଇପାରୁନ ଥିଲେ ।

''ଲିଟର୍ଜି ଅଫ ଦ ନିଉ ଏପଷ୍ଟୋଲିକ ଚର୍ଚ୍ଚ'' ର ପ୍ରକାଶନ ତୁମ ସହିତ ଶେଷ ଆଶୀର୍ବାଦ ବିଷୟରେ ଅଲୋଚନା କରିବା ପାଇଁ ମୋତେ ଏକ ସୁଯୋଗ ପ୍ରଦାନ କରେ । ମୋର ଧାରଣା ହେଉଛି ଲିଟର୍ଜିର ଏହି ଉପାଦାନର ମହତ୍ତ୍ୱ ସର୍ବଦା ଭଲ ଭାବରେ ବୁଝାଯାଏ ନାହିଁ ।

୨ କରିନ୍ଥୀୟ ୧୩: ୧୪ରେ ଲିଖିତ ବାକ୍ୟ ସହିତ ମଣ୍ଡଳୀ ଉପରେ ଶେଷ ଆଶୀର୍ବାଦ ଘୋଷଣା କରାଯାଇଛି:

*''ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର*
*ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ!''*

ଏହି ଶବ୍ଦଗୁଡ଼ିକର ଅର୍ଥ ଓ ପରିସର କଣ?

**ଏକ ସୂତ୍ରଠାରୁ ଅଧିକ – ଏକ ଆଶୀର୍ବାଦ !**

ଉପାସନା ବିଧିର ସମାପ୍ତିକୁ ଚିହ୍ନଟ କରିବା ପାଇଁ ପାଳକ ଏହି ଶବ୍ଦ ଗୁଡିକୁ ଉଚ୍ଚାରଣ କରନ୍ତି । ଏହି ପଦର ଶବ୍ଦ ବ୍ୟବହାର ଡ଼ାଞ୍ଚା ଏକ ମଙ୍ଗଳ କାମନାକୁ ଉପସ୍ଥାପନ କରେ । ଜଣେ ଏହା ଭାବିବାକୁ ଅନୁପ୍ରାଣିତ ହୋଇପାରେ ଯେ, ଚାଳକ କେବଳ ବିଶ୍ୱାସୀମାନଙ୍କ ନିମନ୍ତେ ଅନୁଗ୍ରହ, ପ୍ରେମ ଓ ସହଭାଗିତା ସେମାନଙ୍କର ସହବର୍ତ୍ତୀ ହେଉ ବୋଲି କାମନା କରୁଛନ୍ତି, ଯେପରି ସେ ନିଜ ଗୃହକୁ ଯାତ୍ରା ନିମନ୍ତେ ଏକ ସୁରକ୍ଷା କାମନା କରୁଛନ୍ତି । ବାସ୍ତବରେ, ଏହା ତାହାଠାରୁ ବହୁତ ଅଧିକ ଅଟେ । ଯେତେବେଳେ ଏହି ଉଦ୍ଦେଶ୍ୟ ଈଶ୍ୱରଙ୍କ ଦ୍ୱାରା ଜଣେ ଅଧିକାରପ୍ରାପ୍ତ ସେବକଙ୍କ ଦ୍ୱାରା ଘୋଷଣା କରାଯାଏ, ଏହି ଶବ୍ଦ ଗୁଡିକ ପ୍ରକୃତ ଆଶୀର୍ବାଦ ସୃଷ୍ଟି କରେ । ସେଗୁଡିକ ଈଶ୍ୱରୀୟ ଶକ୍ତିରେ ପରିପୂର୍ଣ୍ଣ ଏବଂ ସେଗୁଡିକ ଶ୍ରୋତା ପ୍ରତି ଏକ ଆତ୍ମିକ ଲାଭ ପ୍ରଦାନ କରନ୍ତି ।

ଏହି ଆଶୀର୍ବାଦରେ, ଈଶ୍ୱର ଶ୍ରୋତାମାନଙ୍କୁ ପ୍ରତିଜ୍ଞା କରନ୍ତି ଯେ ତାହାଙ୍କର ଅନୁଗ୍ରହ, ପ୍ରେମ ଓ ସହଭାଗିତା ସେମାନଙ୍କ ଦୈନନ୍ଦିନ ଜୀବନରେ ସେମାନଙ୍କର ସହବର୍ତ୍ତୀ ହେବ । ଯେହେତୁ ଈଶ୍ୱର ଯାହା କୁହନ୍ତି ସେହିସବୁ ସାଧନ କରନ୍ତି ତେଣୁ ସେ ଏହା ସାଧନ କରିବେ, ମଣ୍ଡଳୀର ଏହି ନିଶ୍ଚିତତା ଅଛି ଯେ ପ୍ରକୃତରେ ଏହିପରି ହେବ । ଏହି ପ୍ରତିଜ୍ଞା ସେ ସମସ୍ତଙ୍କୁ ଦିଆଯାଇଛି ଯେଉଁମାନେ ଏହାକୁ ଶୁଣନ୍ତି । କିନ୍ତୁ ପ୍ରତ୍ୟେକ ଆଶୀର୍ବାଦ ପରି ଏହାର ପ୍ରଭାବ ଯିଏ ଏହାକୁ ଗ୍ରହଣ କରେ ସେହି ବ୍ୟକ୍ତିର ବିଶ୍ୱାସ ଓ ଆଚରଣ ଉପରେ ନିର୍ଭର କରେ ।

ତେଣୁ, ଶେଷ ଆଶୀର୍ବାଦ ଈଶ୍ୱରଙ୍କଠାରୁ ଏକ ପ୍ରତିଜ୍ଞା ଓ ଉପଦେଶ ଅଟେ ।

**ଏକ ତ୍ରିବିଧ ଆଶୀର୍ବାଦ**

୨ କରିନ୍ଥୀୟ ୧୩: ୧୪ରେ ଥିବା ଉଦ୍ଧୃତାଂଶ ତ୍ରିବିଧତା ପ୍ରତି ସ୍ୱଷ୍ଟ ସୂଚନା ଦେଇଥାଏ । ଆସୁ ଏହି ସ୍ଥାନରେ ଆମେ ସ୍ମରଣ କରିବା ଯେ ଈଶ୍ୱର ଏକ ଓ ତ୍ରିବିଧ ଅଟନ୍ତି । ପ୍ରତ୍ୟେକ ଈଶ୍ୱରୀୟ ବ୍ୟକ୍ତି ପିତା ପୁତ୍ର ଓ ପବିତ୍ର ଆତ୍ମା-ପ୍ରକୃତ ଈଶ୍ୱର ଅଟନ୍ତି । ଈଶ୍ୱରୀୟ ବ୍ୟକ୍ତି ପରସ୍ପରଠାରୁ ଭିନ୍ନ କନ୍ତୁ ସେମାନେ କେବଳ ଏକ ଈଶ୍ୱର ଅଟନ୍ତି ।

ଏହି ପରିପ୍ରେକ୍ଷୀରେ ଶେଷ ଆଶୀର୍ବାଦକୁ ବୁଝିବା ଆବଶ୍ୟକ । ଈଶ୍ୱର ଏକ ଅଟନ୍ତି, ସର୍ବଶକ୍ତିମାନ ଈଶ୍ୱର ଓ ସିଦ୍ଧ ଅଟନ୍ତି, ଯିଏ କହୁଛନ୍ତି । ଈଶ୍ୱରଙ୍କ କାର୍ଯ୍ୟଗୁଡିକ ସର୍ବଦା ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କର କାର୍ଯ୍ୟ ଅଟେ । ତେଣୁ ଅନୁଗ୍ରହ, ପ୍ରେମ ଓ ସହଭାଗିତା ଯଥାକ୍ରମେ ପ୍ରତ୍ୟେକ ଈଶ୍ୱରୀୟ ବ୍ୟକ୍ତିତ୍ୱ ସହିତ ସଂଯୁକ୍ତ ନୁହେଁ, କିନ୍ତୁ ସମସ୍ତ ତିନି ବ୍ୟକ୍ତିତ୍ୱ ନିମନ୍ତେ ସମାନ ଅଟେ । ଜଣେ ବ୍ୟକ୍ତି ଏହା କହିପାରେ ଯେ ପିତା ଅନୁଗ୍ରହ ପ୍ରଦାନ କରନ୍ତି, ପୁତ୍ର ସହଭାଗିତା ପ୍ରଦାନ କରନ୍ତି ଓ ଆତ୍ମା ପ୍ରେମ ଅଟନ୍ତି ।

# ଆଧ୍ୟାତ୍ମିକ ଅଂଶ ଡ଼ିଏଏମ, ଏସିସିଆରଏ ନଭେମ୍ବର ୨୦୨୪

**ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ**

ଏହି ଶବ୍ଦ ଗୁଡିକ ଦ୍ୱାରା, ଈଶ୍ୱର ଆମକୁ ଯୀଶୁଖ୍ରୀଷ୍ଟଙ୍କଠାରେ ଦେଇଥିବା ଅନୁଗ୍ରହ ବିଷୟରେ ସ୍ମରଣ କରାନ୍ତି: ସେ ଆମକୁ ମନୋନୀତ କରିଛନ୍ତି ଓ ନିଜର ସନ୍ତାନ କଲେ ତାହାଙ୍କ ଗୌରବର ସହ ଉତ୍ତରାଧିକାରୀ କରିଛନ୍ତି (ଏଫିସୀୟ ୧: ୩-୧୪) । ସେ ଆମ୍ଭମାନଙ୍କର ପାପ କ୍ଷମା କରିଛନ୍ତି । ଅଧିକନ୍ତୁ, ଆମ ପାଖରେ ଯାହା କିଛି ଅଛି, ତାହା ଆମର ଯୋଗ୍ୟତା ଅପେକ୍ଷା ତାହାଙ୍କ ଅନୁଗ୍ରହ କାରଣରୁ ଅଟେ ।

ଏହି ଆଶୀର୍ବାଦ ସହିତ ତାହାଙ୍କ ସହିତ ଆମର ସାକ୍ଷାତକୁ ସମାପ୍ତ କରିବା ଦ୍ୱାରା, ଈଶ୍ୱର ନିର୍ଭରୋକ୍ତି ପ୍ରଦାନ କରନ୍ତି ।

- ଯାହା ହେଉନା କାହିଁକି ଆମେ ତାହାଙ୍କର ସନ୍ତାନ ହୋଇ ରହିବା ସେ ଆମର ମନୋନୟନକୁ କଦାପି ସନ୍ଦେହ କରିବେ ନାହିଁ ।
- ଶୟତାନର ଦୋଷାରୋପ ବିରୁଦ୍ଧରେ ଆମକୁ ରକ୍ଷା କରିବାକୁ ଆମେ ସର୍ବଦା ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରି ପାରିବା (ରୋମୀୟ ୮: ୩୪) ।
- ଆମେ ତାହାଙ୍କର ଅନୁଗ୍ରହରେ ଭରସା କରିପାରିବା ଏହି ଅନୁଗ୍ରହ ହିଁ ଆମକୁ ତାହାଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ଆବଶ୍ୟକ ହେଉଥିବା ସିଦ୍ଧତା ହାସଲ କରିବାରେ ସାହାଯ୍ୟ କରିବ (୧ ପିତର ୧: ୧୩) ।

ତଥାପି, ଏହି ନିର୍ଭରୋକ୍ତି କେବଳ ସେମାନଙ୍କ ନିମନ୍ତେ ପ୍ରଯୁଜ୍ୟ ଯେଉଁମାନେ ଏହିପରି ଆଚରଣ ଆପଣାନ୍ତି ଯାହା ଈଶ୍ୱରଙ୍କ ସନ୍ତୋଷଜନକ ଅଟେ । ଈଶ୍ୱର ଆମକୁ ଉତ୍ସାହିତ କରନ୍ତି ।

- ଈଶ୍ୱରଙ୍କ ନିକଟରେ ବିନମ୍ର ହେବା ପାଇଁ, ଯେହେତୁ ଆମେ ତାହାଙ୍କ ଅନୁଗ୍ରହ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁ ଏବଂ ଅନ୍ୟମାନଙ୍କ ନିକଟରେ ମଧ୍ୟ ବିନମ୍ର ରହୁ, ଯେହେତୁ ଆମେ ସମସ୍ତେ ପାପି ଅଟୁ:
- ଈଶ୍ୱରଙ୍କ ପ୍ରକୃତ ସନ୍ତାନମାନଙ୍କ ପରି ଆଚରଣ କରିବାକୁ, ଯେଉଁମାନେ ତାହାଙ୍କ ଗୌରବର ଉତ୍ତରାଧିକାରୀ ହେବା ପାଇଁ ଆହ୍ୱାନିତ ହୋଇଛନ୍ତି ।
- ତାଙ୍କଠାରେ ପ୍ରାପ୍ତ ଅନୁଗ୍ରହ ଦାନ ଗୁଡିକୁ ଅନ୍ୟମାନଙ୍କ ସେବାରେ ବ୍ୟବହାର କରିବା ପାଇଁ (୧ ପିତର ୪: ୧୦) ।

**ଈଶ୍ୱରଙ୍କ ପ୍ରେମ**

ଆମେ ଘରକୁ ଯିବା ପୂର୍ବରୁ, ଈଶ୍ୱର ପୁଣିଥରେ ଆମ ପ୍ରତି ତାହାଙ୍କ ପ୍ରେମ ଘୋଷଣା କରନ୍ତି । ସେ ଯାହାସବୁ କରନ୍ତି ତାହା ଆମକୁ ତାହାଙ୍କ ସହିତ ଚିରକାଳ ରହିବା ପାଇଁ ସକ୍ଷମ କରିବାକୁ ଉଦ୍ଦିଷ୍ଟ ଅଟେ । ସେ ଆମ ପଥରୁ ପ୍ରତିବନ୍ଧକ ଦୂର କରିବେ ଯାହା ଆମର ପରିତ୍ରାଣକୁ ପ୍ରତିରୋଧ କରିପାରେ । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଆମର ଯାହା ଆବଶ୍ୟକ ସେ ତାହା ଯୋଗାଇବେ ।

ଏହାର ପ୍ରତିବଦଳରେ ସମସ୍ତ ପରିସ୍ଥିତିରେ ତାହାଙ୍କ ପ୍ରେମରେ ରହିବାକୁ ଅନୁରୋଧ କରନ୍ତି । ଈଶ୍ୱର ଚାହାଁନ୍ତି ଆମେ ଯେତେବେଳେ ଡ଼ିଭାଇନ ସର୍ଭିସରୁ ଏହି ସମସ୍ତ ବିଷୟ ନେଇକି ଯାଉ ।

- ତାହାଙ୍କର ଆଜ୍ଞାପାଳନ କରିବକୁ ସଂକଳ୍ପ:
- ଉଦ୍ଦେଶ୍ୟମୂଳକ ଭାବରେ ନୁହେଁ କିନ୍ତୁ
- ପ୍ରେମରେ ତାହାଙ୍କର ସେବା କରିବାକୁ ଦୃଢ଼ ପ୍ରତିଜ୍ଞା
- ନିଜର ସହଯୋଗୀ ମନୁଷ୍ୟକୁ ଠିକ ସେହିପରି ପ୍ରେମ କରିବାକୁ ଇଚ୍ଛା ଯେପରି ଈଶ୍ୱର ସେମାନଙ୍କୁ ପ୍ରେମ କରନ୍ତି ।

**ପବିତ୍ର ଆତ୍ମାଙ୍କର ସହଭାଗିତା**

ଆତ୍ମାଙ୍କ ମାଧ୍ୟମରେ ହିଁ ଆମେ ଈଶ୍ୱରଙ୍କୁ ଶୁଣିପାରିବା ଓ ତାହାଙ୍କର ଇଚ୍ଛା ଜାଣିପାରିବା । ଈଶ୍ୱର ପ୍ରତିଜ୍ଞା କରନ୍ତି ଯେ ଆମକୁ ମାର୍ଗଦର୍ଶନ କରିବାକୁ ସାନ୍ତ୍ୱନା ଦେବା ପାଇଁ ଓ ଦୃଢ କରିବା ପାଇଁ ଆମ ସହିତ କଥାବାର୍ତ୍ତା ଜାରି ରଖିବେ । ସେ ଆମକୁ ଉପଦଶ ଓ ଆମ ବିବେକରେ ଯାହା କୁହନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଅନ୍ତି ।

# ଆଧ୍ୟାତ୍ମିକ ଅଂଶ ଡ଼ିଏଏମ,
# ଏସିସିଆରଏ ନଭେମ୍ବର ୨୦୨୪

ଖ୍ରୀଷ୍ଟଙ୍କ ଉତ୍ତରାଧିକାରର ସହଭାଗିତା ଓ ତାହାଙ୍କ ଦୁଃଖଭୋଗର ସହଭାଗିତା ଏକ ସଙ୍ଗରେ ହୋଇଥାଏ (ରୋମୀୟ ୮: ୧୭: ଫିଲିପ୍ପୀୟ ୩: ୧୦) । ଈଶ୍ୱର ଆମକୁ ସତର୍କ କରାନ୍ତି ଯେ ଆମେ ତଥାପି କ୍ଲେଶ ଅନୁଭବ କରିବା, କିନ୍ତୁ ଭୟ କରିବାର ଆବଶ୍ୟକତା ନାହିଁ । ସେ ଆମର ସହବର୍ତ୍ତୀ ଅଟନ୍ତି । ସେ ଆମର ପ୍ରାର୍ଥନା ଶୁଣନ୍ତି ଓ ସେଗୁଡ଼ିକର ଉତ୍ତର ଦେବେ ଯଦି ଆମେ କେବେ ପ୍ରାର୍ଥନା କରିବାରେ ଅତ୍ୟନ୍ତ ଦୁର୍ବଳ ହେଉ, ଆତ୍ମା ଆମ ନିମନ୍ତେ ନିବେଦନ କରିବେ (ରୋମୀୟ ୮: ୨୬–୨୭) ।

ଆତ୍ମାଙ୍କର ସହଭାଗିତା ପ୍ରେମର ଏକ ସହଭାଗିତା ମଧ୍ୟ ଅଟେ । ଆତ୍ମା ଆୟମାନଙ୍କ ହୃଦୟରେ ଖ୍ରୀଷ୍ଟଙ୍କ ପ୍ରେମ ଢାଳି ଦେଇଛନ୍ତି । ଯେତେବେଳେ ଆମେ ଆମର ଦୈନନ୍ଦିନ ଜୀବନକୁ ଫେରିଯାଉ । ଆସୁ ଆମେ ମନେ ରଖିବା ଯେ ଈଶ୍ୱର ଆମକୁ ଅନ୍ୟମାନଙ୍କୁ ସେହିପରି ପ୍ରେମ କରିବାକୁ ସକ୍ଷମ କରିଛନ୍ତି ଯେପରି ସେମାନେ ଅଟନ୍ତି–ସେ ଆମକୁ ତାହା ଯୋଗାଇଲେ ଯାହା ଆମେ ଆବଶ୍ୟକ କରୁ, ଆମେ ଏହା ଉପରେ କାର୍ଯ୍ୟ କରୁ ଓ ଈଶ୍ୱରୀୟ ସାହାଯ୍ୟ ପାଇଁ ପ୍ରଭୁଙ୍କୁ ନିବେଦନ କରୁ ।

ଶେଷ ଆଶୀର୍ବାଦ ଚର୍ଚ୍ଚରେ ଆତ୍ମାଙ୍କର ସ୍ଥାୟୀ ଉପସ୍ଥିତିକୁ ମଧ୍ୟ ପ୍ରମାଣିତ କରେ । ଆମେ ଚିନ୍ତା କରିବାର କୌଣସି କାରଣ ନାହିଁ: କୌଣସି ବିଷୟ ଆତ୍ମାଙ୍କୁ କନ୍ୟାକୁ ବର ସହିତ ସମ୍ପୂର୍ଣ୍ଣ ସହଭାଗିତା ପାଇଁ କଢେଇ ନେବାରେ ପ୍ରତିରୋଧ କରିପାରିବ ନାହିଁ ।

ଶେଷରେ, ଆତ୍ମାଙ୍କର ସହଭାଗିତା ସାଧୁମାନଙ୍କ ସହଭାଗିତାରୁ ଅବିଚ୍ଛେଦ୍ୟ ଅଟେ । ଆମ ସମସ୍ତଙ୍କର ସମାନ ଆତ୍ମା, ସମାନ ବିଶ୍ୱାସ ଓ ସମାନ ଭବିଷ୍ୟତ ରହିଅଛି । ଆମେ ସମସ୍ତେ ସମାନ ବାକ୍ୟ ଓ ସମାନ ରୋଟୀ ଗ୍ରହଣ କରୁ । ଆମେ ପୃଥକ ହେବା ପୂର୍ବରୁ ଈଶ୍ୱର ଆମକୁ ଏହା ନ ଭୁଲିବ ପାଇଁ ପରାମର୍ଶ ଦିଅନ୍ତି ଯେ ଆମେ ସମସ୍ତେ ଏକ ଶରୀର, ଖ୍ରୀଷ୍ଟଙ୍କ ଶରୀରର ଅଙ୍ଗ ପ୍ରତ୍ୟେଙ୍ଗ ଅଟୁ । ଆମେ କେବଳ ପରସ୍ପର ସହିତ ସହଭାଗିତାରେ ରହିବା ଦ୍ୱାରା ଈଶ୍ୱରଙ୍କ ସହିତ ପ୍ରକୃତରେ ସହଭାଗିତା ପ୍ରାପ୍ତ ହୋଇପାରିବା (୧–ଯୋହନ ୧:୩–୭) । ଆମେ ସର୍ବଦା ପରସ୍ପରଠାରୁ ଭିନ୍ନ ହେବା । କିନ୍ତୁ ଈଶ୍ୱର ଚାହାଁନ୍ତି ନାହିଁ ଯେ ଆମେ ଆମର ଭିନ୍ନତାର ବନ୍ଦୀ ନହେଉ । ସେ ଆମକୁ ଏହିସବୁକୁ ଜୟଲାଭ କରିବାକୁ ଓ ମଣ୍ଡଳୀର ଏକତା ନିମନ୍ତେ ସକ୍ରିୟ ଭାବେ ସାହାଯ୍ୟ କରିବାକୁ କୁହନ୍ତି । ସେ ଆମକୁ ସ୍ମରଣ କରାନ୍ତି ଯେ ବିଶ୍ୱାସୀମାନଙ୍କର ସହଭାଗିତା କେବଳ ଆତ୍ମିକ ନୁହେଁ । ଏହା ଏକ ବାସ୍ତବ ରୂପେ ମଧ୍ୟ ବ୍ୟକ୍ତ କରାଯାଏ, ଅଭାବଗ୍ରସ୍ତ ସହିତ ସଂହତି ଓ ଏହି ଜଗତର ବିଷୟ ଗୁଡ଼ିକୁ ବାଣ୍ଟିବା ଦ୍ୱାରା (୧ ଯୋହନ ୩: ୧୭–୧୮) ।

ଏହି ଅଳ୍ପ କିଛି ଚିନ୍ତାଧାରା ସମ୍ପୂର୍ଣ୍ଣ ନୁହେଁ । ପ୍ରେରିତ ପାଉଲଙ୍କ ଏହି ବାକ୍ୟର ବିକାଶ ପାଇଁ ନିଶ୍ଚିତ ଭାବରେ ଅନ୍ୟ ଉପାୟ ଅଛି । ମୁଁ କେବଳ ଶେଷ ଆଶୀର୍ବାଦର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେବାକୁ ଓ ଏହା ଏକ ବିଶ୍ୱାସୀ ହୃଦୟରେ କିପରି ପ୍ରଭାବ ସୃଷ୍ଟି କରିପାରେ ତାହା ଦେଖାଇବାକୁ ଚାହୁଁଥିଲି । ଗୋଟିଏ ଶେଷ କଥା: ଏହି ଆଶୀର୍ବାଦ ଯିଏ ଏହାକୁ ଘୋଷଣା କରନ୍ତି ସେହି ବ୍ୟକ୍ତି ନିମନ୍ତେ ମଧ୍ୟ ପ୍ରଯୁଜ୍ୟ ଅଟେ । ପ୍ରିୟ ପ୍ରେରିତଗଣ, ମୁଁ ଆନ୍ତରିକତା ସହିତ ଆଶା କରେ ଆପଣମାନେ ଏହାକୁ ଅନୁଭବ କରିବେ !